# ପୁନଃ ନିର୍ବାଚିତ ହୋଇଥିବାରୁ ରାଷ୍ଟ୍ରପତି ପୁଟିନଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ମାର୍ଚ୍ଚ 20, 2024

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆଜି ରୁଷୀୟ ସଂଘର ରାଷ୍ଟ୍ରପତି ମହାମହିମ ଶ୍ରୀ ଭ୍ଲାଦିମିର ପୁଟିନଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରିଛନ୍ତି ।

ରୁଷର ରାଷ୍ଟ୍ରପତି ଭାବରେ ପୁନଃ ନିର୍ବାଚିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ରୁଷରର ବନ୍ଧୁଭାବାପନ୍ନ ଲୋକମାନଙ୍କର ଶାନ୍ତି, ପ୍ରଗତି ଏବଂ ସମୃଦ୍ଧି ପାଇଁ ଶୁଭେଚ୍ଛା ଜଣାଇଥିଲେ ।

ଆଗାମୀ ବର୍ଷଗୁଡ଼ିକରେ ଦୁଇ ଦେଶ ମଧ୍ୟରେ ବିଶେଷ ଏବଂ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବା ଦିଗରେ ମିଳିତ ପ୍ରୟାସ କରିବାକୁ ଦୁଇ ନେତା ରାଜି ହୋଇଥିଲେ ।

ସେମାନେ ଦ୍ୱିପାକ୍ଷିକ ସହଯୋଗର ବିଭିନ୍ନ ପ୍ରସଙ୍ଗରେ ଅଗ୍ରଗତିର ସମୀକ୍ଷା କରିଥିଲେ ଏବଂ ପାରସ୍ପରିକ ସ୍ୱାର୍ଥସମ୍ପନ୍ନ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଭାବର ଆଦାନପ୍ରଦାନ କରିଥିଲେ ।

ରୁଷ୍-ୟୁକ୍ରେନ୍ ସଂଘର୍ଷ ଉପରେ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ଆଲୋଚନା ଓ କୂଟନୀତି ସପକ୍ଷରେ ଭାରତର ନିରନ୍ତର ଆଭିମୁଖ୍ୟକୁ ଦୋହରାଇଥିଲେ ।

ଦୁଇ ନେତା ପରସ୍ପର ସହ ସଂସ୍ପର୍ଶରେ ରହିବାକୁ ରାଜି ହୋଇଥିଲେ ।

**ନୂଆଦିଲ୍ଲୀ**
**ମାର୍ଚ୍ଚ 20, 2024**